# NATIONAL NEWS BULLETIN (ODIA)

**12 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଏଲ୍ଏଲ୍ବି ପାଠ୍ୟକ୍ରମରେ ମନୁସ୍ମୃତି ସାମିଲ କରିବା ପ୍ରସ୍ତାବକୁ ଖାରଜ କଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ।

- ସମ୍ବିଧାନର ମୂଲ୍ୟବୋଧ ବଜାୟ ରଖିବାକୁ ସରକାର ପ୍ରତିଶ୍ରୁତିବଦ୍ଧ- କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- ନେପାଳର ଚିତୁଆନରେ ନଦୀମଧ୍ୟକୁ ବସ୍ ଖସିପଡି ୬୦ଜଣ ନିଖୋଜ ।

- ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅସୁସ୍ଥ- ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଦିଲ୍ଲୀ ଏମ୍ସରେ ସୂଚନା ।

- ଏଣିକି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀରେ ନିଯୁକ୍ତି ପାଇବେ ପୂର୍ବତନ ଅଗ୍ନିବୀର ।

ଏବଂ

- ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍ ପାଇଁ ଖେଳସୂଚୀ ଘୋଷଣା କଲା ବିସିସିଆଇ ।

# ପ୍ରଧାନ ଡିୟୁ ମନୁସ୍ମୃତି

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମନୁସ୍ମୃତିକୁ ଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ସାମିଲ କରିବା ପ୍ରସ୍ତାବକୁ ଖାରଜ କରିଦେଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ କମିଟି ପକ୍ଷରୁ ଏଭଳି କୌଣସି ପ୍ରସ୍ତାବକୁ ସମର୍ଥନ କରାଯାଇ ନାହିଁ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ କୁଳପତି ଯୋଗେଶ ସିଂହଙ୍କ ସହ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କୁଳପତିଙ୍କ ସୂଚନା ଅନୁଯାୟୀ ମନୁସ୍ମୃତିକୁ ଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ସାମିଲ କରିବା ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟ ପ୍ରତ୍ୟାଖାନ କରିଛି । ଶ୍ରୀ ପ୍ରଧାନ କହିଛନ୍ତି ସରକାର ସମ୍ବିଧାନର ମୂଲ୍ୟବୋଧ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ କୌଣସି ବିବାଦୀୟ ସୂଚନା ଅନ୍ତର୍ଭୁକ୍ତ କରିବାର ପ୍ରଶ୍ନ ଉଠୁନାହିଁ ।

# ନେପାଳ-ମିଶିଙ୍ଗ

ନେପାଳର ଚିତୁଆନ୍ ଖମଣଠାରେ ତ୍ରିଶୁଳିନଦୀରେ ଦୁଇଟି ବସ୍ ଭାସିଯାଇ ୬୦ଜଣ ଯାତ୍ରୀ ନିଖୋଜ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ୭ଜଣ ଭାରତୀୟ ଥିବା ସୂଚନା ମିଳିଛି । ଆଜି ବଡି ଭୋର୍‌ରୁ ଯାତ୍ରୀମାନଙ୍କୁ ନେଇ ଦୁଇଟି ବସ୍ ତ୍ରିଶୁଳି ନଦୀ ପାର୍ ହେଉଥିବାବେଳେ

ଚିତୁଆନ ଜିଲ୍ଲାର ନାରାୟଣଘାଟ-ମଗ୍‌ଲିଙ୍ଗ ମାର୍ଗରେ ଭୁସ୍ଖଳନ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଦୁଇଟି ବସ୍‌ରେ ପାଖାପାଖି ୬୫ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ । ସେଠାକାର ମୁଖ୍ୟ ଜିଲ୍ଲା ଅଧିକାରୀ କହିଛନ୍ତି ସକାଳ ପ୍ରାୟ ସାଢ଼େ ୩ଟାବେଳେ ବସ୍ ଦୁଇଟି ନଦୀମଧ୍ୟକୁ ଖସିପଡିଛି ।

ନେପାଳ ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗଣପତି ଡିଲକ୍ସ ନାମକ ଏକ ବସ୍ କାଠମାଣ୍ଡୁରୁ ୪୧ଜଣ ଯାତ୍ରୀଙ୍କୁ ନେଇ ରାଉତହାଟ ଯାଉଥିବାବେଳେ ଆଞ୍ଜେଲ ଡିଲକ୍ସ ବସ୍‌ଟି କାଠମାଣ୍ଡୁରୁ ୨୪ଜଣ ଯାତ୍ରୀଙ୍କୁ ନେଇ ବିରଗଞ୍ଜ ଯାଉଥିଲା । ଏହି ଯାତ୍ରୀଙ୍କ ମଧ୍ୟରେ ୭ଜଣ ଭାରତୀୟ ଯାତ୍ରା କରୁଥିଲେ । ଏହି ଦୁର୍ଘଟଣା ପରେ ନେପାଳ ପୁଲିସ ପକ୍ଷରୁ ପ୍ରଶିକ୍ଷଣପ୍ରାପ୍ତ ବୁଡ଼ାଳିମାନଙ୍କୁ ଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଛି । ଅପରପକ୍ଷରେ ଭୁସ୍ଖଳନ ଘଟିଥିବା ସ୍ଥାନକୁ ସଫାକରି ପୁନଃ ଯୋଗାଯୋଗକ୍ଷମ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି । ଇତିମଧ୍ୟରେ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ତ୍ୱରିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଜନାଥ-ଏମ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅସୁସ୍ଥ ଥିବା ଜଣାପଡିଛି । ଗତକାଲି ଅସୁସ୍ଥ ଅନୁଭବ କରିବାରୁ ଶ୍ରୀ ସିଂହଙ୍କୁ ଦିଲ୍ଲୀର ଅଖିଳ ବିଜ୍ଞାନ ଆର୍ୟୁବିଜ୍ଞାନ ସଂସ୍ଥାନ - ଏମ୍ସରେ ଭର୍ତ୍ତି କରାଯାଇଛି । ଏବେ ଶ୍ରୀ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ତାଙ୍କୁ ଚିକିତ୍ସା କରୁଥିବା ଏମ୍ସର ଡାକ୍ତରୀ ଦଳ କହିଛନ୍ତି ।

# ଇଣ୍ଡିଆ-ଭୁଟାନ

ଭାରତ ଓ ଭୁଟାନ ଜଳବାୟୁ ପରିବର୍ତ୍ତନ, ବାୟୁ ଗୁଣବତ୍ତା, ଜଙ୍ଗଲ, ବନ୍ୟପ୍ରାଣୀ ପରିଚାଳନା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ମିଳିତଭାବେ କାର୍ଯ୍ୟ କରିବା ଲାଗି ସହମତ ହୋଇଛନ୍ତି । ଭୁଟାନର ଶକ୍ତି ଓ ପ୍ରାକୃତିକ ସମ୍ବଳ ମନ୍ତ୍ରୀ ଜେମ୍ ସେରିଙ୍ଗ ଓ ତାଙ୍କ ସହ ଆସିଥିବା ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀରେ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହଙ୍କ ସହ ଏନେଇ ସାକ୍ଷାତ୍ ଆଲୋଚନା କରିଛନ୍ତି । ଉଭୟ ଦେଶ ବିଭିନ୍ନ ବିଶ୍ୱସମସ୍ୟା ସମେତ ଭାରତ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି । ଉଭୟ ଦେଶ ମଧ୍ୟରେ ସମାନ ଭୌଗୋଳିକ ସ୍ଥିତି, ଜଳବାୟୁ ଏବଂ ଅନ୍ୟକେତେକ କ୍ଷେତ୍ରରେ ସମାନତା ରହିଥିବାରୁ ଉଭୟ ଦେଶ ପରସ୍ପରର ସହଯୋଗ କରିପାରିବା ନେଇ ଏକମତ ପ୍ରକାଶ

ପାଇଛି । ବୈଠକ ପରେ ଭୁଟାନ ପରିବେଶ ମନ୍ତ୍ରୀ କହିଛନ୍ତି ଉଭୟ ଦେଶ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି ।

# ଅମରନାଥ ଯାତ୍ରା

ଅମରନାଥ ତୀର୍ଥଯାତ୍ରା ପାଇଁ ଆଜି ଜାମ୍ମୁର ଭଗବତୀନଗର ମୂଳ ଶିବିରରୁ ୪ହଜାର ୪୩୪ଜଣ ଶ୍ରଦ୍ଧାଳୁ କାଶ୍ମୀର ଘାଟୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଆଜି ସକାଳେ ୧୬୫ଟି ଦଳରେ ଏହି ତୀର୍ଥଯାତ୍ରୀମାନେ ଯାତ୍ରା କରିଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ୩ହଜାର ୩୩୦ଜଣ ପୁରୁଷ, ୯୧୫ଜଣ ମହିଳା, ୨୮ଜଣ ପିଲା, ୧୩୩ଜଣ ସାଧୁ ଏବଂ ୨୮ଜଣ ସାଧ୍ୱୀ ଅଛନ୍ତି । ଏହି ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୧ହଜାର ୭୨୧ଜଣ ଯାତ୍ରୀ ବାଲତଲ ଶିବିରରୁ ଏବଂ ୨ହଜାର ୭୧୩ଜଣ ତୀର୍ଥଯାତ୍ରୀ ପହଲଗାମ ଶିବିରରୁ ଯାତ୍ରା ଆରମ୍ଭ କରିଥିବା ଜଣାପଡିଛି ।

# ଆୱାର୍ଡ-ଦିବ୍ୟାଙ୍ଗ

ଦେଶରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଗୁଡ଼ିକୁ ଜାତୀୟ ପୁରସ୍କାର ପାଇଁ ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ ଆବେଦନପତ୍ର ଆହ୍ୱାନ କରିଛି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ପୁରସ୍କାରର ଉଦ୍ଦେଶ୍ୟ

ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ କାର୍ଯ୍ୟ କରୁଥିବା ସଂଗଠନ ଗୁଡ଼ିକୁ ଉତ୍ସାହିତ କରିବା । ଏହି ପୁରସ୍କାର ନିମନ୍ତେ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଜରିଆରେ ଆବେଦନ କରାଯାଇପାରିବ । ପ୍ରତ୍ୟେକ ବର୍ଷ ଡିସେମ୍ବର ୩ ତାରିଖ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟକରୁଥିବା ବ୍ୟକ୍ତିବିଶେଷ, ସଂଗଠନ ସଂସ୍ଥା ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଥାଏ ।

## ସିବିଆଇ-ନିଟ୍

ନିଟ୍ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ରାକେଶ ରଞ୍ଜନ ଓରଫ ରକି ନାମକ ଜଣେ ବ୍ୟକ୍ତିଙ୍କୁ ସିବିଆଇ ଗିରଫ କରିଛି । ତାଙ୍କୁ ୧୦ ଦିନ ପାଇଁ ସିବିଆଇ ହେପାଜତକୁ ପଠାଯାଇଛି । ରକି ଏହି ରାକେଟର ଅନ୍ୟ ଜଣେ ପ୍ରମୁଖ ବ୍ୟକ୍ତି ସଞ୍ଜୀବ ମୁଖିଆଙ୍କ ସହ ଏହି ଦୁର୍ନୀତିରେ ଜଡିତ ଥିବା ଜଣାପଡ଼ିଛି । ସେ ଦୁଇ ଦଶନ୍ଧି ଧରି ଏହିଭଳି ଦୁର୍ନୀତିରେ ଜଡିତ ଥିବା କୁହାଯାଇଛି । ରଞ୍ଜନ ଓରଫ୍ ରକିଙ୍କୁ ଗିରଫ କରାଯିବା ଦ୍ୱାରା ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇକୁ ଅଧିକ ସୂଚନା ମିଳିପାରିବା ନେଇ ସମ୍ଭାବନା ପ୍ରକାଶ ପାଇଛି । ତଦନ୍ତ ଏଜେନ୍ସି ଏପର୍ଯ୍ୟନ୍ତ ଝାଡ଼ଖଣ୍ଡର ହଜାରିବାଗରେ ଥିବା ଏକ ବିଦ୍ୟାଳୟର ଅଧ୍ୟକ୍ଷ ଓ

ଉପାଧ୍ୟକ୍ଷଙ୍କ ସମେତ ଏକ ଡଜନରୁ ଅଧିକ ଲୋକଙ୍କୁ ଗିରଫ କରିଛି। ନିଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଲିକ୍ ସହ ଜଡ଼ିତ ରାକେଟ୍‌ର ତଦନ୍ତରେ ଉଭୟ ସିବିଆଇ ଏବଂ ବିଭିନ୍ନ ରାଜ୍ୟ ପୋଲିସ ସାମିଲ ଅଛନ୍ତି। ଏହି ମାମଲାରେ ସିବିଆଇ ବିହାରରେ ତିନୋଟି ପୃଥକ ମାମଲା ପାଇଁ ପାଞ୍ଚଟି ଏତଲା ଦାଏର କରିଥିବା ବେଳେ ମୋଟ୍ ୬ଟି ମାମଲା ଦାଏର ହୋଇଛି । ଏପର୍ଯ୍ୟନ୍ତ ତଦନ୍ତରୁ ଜଣାପଡିଛି ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ହଜାରିବାଗର୍ ଓଏସିସ୍ ସ୍କୁଲରୁ ହୋଇଥାଇପାରେ।

## ଆସାମ ଫ୍ଲଡ୍

ଆସାମରେ ବନ୍ୟା ଯୋଗୁଁ ଏପର୍ଯ୍ୟନ୍ତ ୮୪ ଜଣଙ୍କର ମୃତ୍ୟୁ ଘଟିଛି। ୨୬ଟି ଜିଲ୍ଲାର ପ୍ରାୟ ଅଢ଼େଇ ହଜାରରୁ ଅଧିକ ଗାଁ ଏହି ବନ୍ୟାରେ ପ୍ରଭାବିତ ହୋଇଛି । ଅଣଚାଳିଶ ହଜାର ହେକ୍ଟରରୁ ଅଧିକ ଚାଷଜମି ବନ୍ୟାଜଳରେ ନଷ୍ଟ ହୋଇଯାଇଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ରାଜ୍ୟର ନାଗାଓଁ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ନାଗାଓଁ ଜିଲ୍ଲାରେ ୨୦ହଜାର ୬୧୨ ଶିଶୁଙ୍କ ସମେତ ପ୍ରାୟ ୭୯ ହଜାର ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଜିଲ୍ଲାର ଛଅଟି ରାଜସ୍ୱ ଅଞ୍ଚଳ ଅନ୍ତର୍ଗତ

୧୮୪ଟି ଗ୍ରାମକୁ ଏବେ ମଧ୍ୟ ଜଳବନ୍ଦୀ ହୋଇ ରହିଛି ଏବଂ ୧୮ହଜାର ୨୩୧ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି । ରାଜ୍ୟର କାଜିରଙ୍ଗା ଜାତୀୟ ଉଦ୍ୟାନରେ ବନ୍ୟାରେ ଏପର୍ଯ୍ୟନ୍ତ ୧୦ଟି ଗଣ୍ଡା ସମେତ ୧୭୪ଟି ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଉଦ୍ୟାନ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଜାତୀୟ ଉଦ୍ୟାନରେ ବନ୍ୟା ପରିସ୍ଥିତି ଏବେ ଧୀରେ ଧୀରେ ସୁଧୁରିବାରେ ଲାଗିଛି, କିନ୍ତୁ ୪୬ଟି ଜଙ୍ଗଲ ଶିବିର ଏବଂ ଉଦ୍ୟାନର କିଛି ଅଂଶ ଏବେବି ଜଳମଗ୍ନ ହୋଇ ରହିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ୨୦୧୭ ମସିହାରେ କାଜିରଙ୍ଗାରେ ହୋଇଥିବା ବନ୍ୟାରେ ୨୪ଟି ଗଣ୍ଡା ସମେତ ୨୯୧ଟି ପଶୁ ପ୍ରାଣ ହରାଇଥିଲେ। ୨୦୧୯ର ବନ୍ୟାରେ ୨୧ଟି ଗଣ୍ଡା ସମେତ ୨୨୩ଟି ପଶୁ ପ୍ରାଣ ହରାଇଥିବା ବେଳେ ୨୦୨୦ର ବନ୍ୟାରେ ୧୯ଟି ଗଣ୍ଡା ସମେତ ୧୫୭ଟି ପଶୁ ପ୍ରାଣ ହରାଇଥିଲେ। ଜାତୀୟ ଉଦ୍ୟାନରେ ୨୦୨୧ର ବନ୍ୟାରେ ୪ଟି ଗଣ୍ଡା ସମେତ ୨୬ଟି ପଶୁ, ୨୦୨୨ର ବନ୍ୟାରେ ୧୯ଟି ପଶୁ ଏବଂ ୨୦୨୩ର ବନ୍ୟାରେ ୭ଟି ଗଣ୍ଡା ସମେତ ୨୯ଟି ପଶୁ ପ୍ରାଣ ହରାଇଥିଲେ।

## ଅଗ୍ନିବୀର-ସିଆଇଏସ୍ଏଫ୍

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀରେ ପୂର୍ବତନ ଅଗ୍ନିବୀରମାନଙ୍କୁ ନିଯୁକ୍ତି ଦିଆଯିବ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷାବଳ (ସି.ଆଇ.ଏସ୍.ଏଫ୍.)ର

ମହାନିର୍ଦ୍ଦେଶକ ନୀନା ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏ ସଂକ୍ରାନ୍ତରେ ସି.ଆଇ.ଏସ୍.ଏଫ୍. ସମସ୍ତ ବ୍ୟବସ୍ଥା କରିଛି। ସଶସ୍ତ୍ର ବାହିନୀରେ ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ ଏବଂ ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରେ ମଧ୍ୟ ରିହାତି ଦିଆଯିବ ବୋଲି ସେ କହିଛନ୍ତି। ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ ନିତିନ ଅଗ୍ରୱାଲ କହିଛନ୍ତି, ଏହାଠାରୁ ଭଲ ଆଉ କିଛି ହୋଇପାରିବ ନାହିଁ। ଏହା ସମାଜର ସମସ୍ତ ବର୍ଗଙ୍କୁ ଲାଭାନ୍ୱିତ କରିବ ।

## କେରଳ ହାଇକୋର୍ଟ୍

ଆଇନଗତ ଭାବରେ ବିବାହିତ ହୋଇନଥିବା ମହିଳାଙ୍କ ସହ ରହୁଥିବା ଲିଭ୍-ଇନ୍ ପାର୍ଟନରଙ୍କୁ ନିଷ୍ଠୁରତା ଅପରାଧ ପାଇଁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏ ଅନୁଯାୟୀ ଦଣ୍ଡ ଦିଆଯାଇପାରିବ ନାହିଁ ବୋଲି କେରଳ ହାଇକୋର୍ଟ ରାୟ ଦେଇଛନ୍ତି । ଅଭିଯୋଗକାରୀ ମହିଳାଙ୍କ ଲିଭ୍-ଇନ୍ ପାର୍ଟନର ଏବଂ ଆବେଦନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପରେ କୋର୍ଟ ଏହି ଆଦେଶ ଦେଇଛନ୍ତି। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୪୯୮ଏ ଜଣେ ମହିଳାଙ୍କ ପ୍ରତି ତାଙ୍କ ସ୍ୱାମୀ କିମ୍ବା ଶାଶୂଘର ଲୋକଙ୍କ ଦ୍ୱାରା ହେଉଥିବା ନିଷ୍ଠୁରତା ସହ ଜଡ଼ିତ। ଆବେଦନକାରୀ ୨୦୨୩ ମାର୍ଚ୍ଚରୁ ଅଗଷ୍ଟ ପର୍ଯ୍ୟନ୍ତ ଲିଭ୍-ଇନ୍‌ରେ ରହିବା

ସମୟରେ ମହିଳାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା ।

## ସୁପ୍ରିମ୍‌କୋର୍ଟ

ଦେଶରେ ଆତ୍ମହତ୍ୟା ରୋକିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ପ୍ରୟାସ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ବର୍ତ୍ତମାନର ସ୍ଥିତି ଜଣାଇବାକୁ କହିଛନ୍ତି। ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ  ଖଣ୍ଡପୀଠଙ୍କୁ ସରକାରୀ ଓକିଲ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରାଯିବ ବୋଲି କହିଛନ୍ତି । ସତ୍ୟପାଠରେ ଅଭିଯୋଗର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯିବ। ଆସନ୍ତା ଚାରି ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରାଯିବ । ଶିଶୁଙ୍କ ଆତ୍ମହତ୍ୟା ବିଷୟକୁ ଏକ ଗମ୍ଭୀର ପ୍ରସଙ୍ଗ ଭାବେ ବିଚାର କରି ଅଦାଲତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଦେଶରେ ଏଭଳି ଘଟଣାକୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ୍‌ଜୀବୀ ଗୌରବ କୁମାର ବଂଶଲଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ୍ ଏହି ଆବେଦନର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ମାସ ୯ ତାରିଖ ସ୍ଥିର କରିଛନ୍ତି ।

# ଇଣ୍ଡିଆ କ୍ରିକେଟ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବିସିସିଆଇ ଶ୍ରୀଲଙ୍କା ବିପକ୍ଷ ଆଗାମୀ ଟି-୨୦ ସିରିଜ୍ ପାଇଁ ଖେଳସୂଚୀ ଜାରି କରିଛି । ଜୁଲାଇ ୨୬, ୨୭ ଏବଂ ୨୯ ତାରିଖରେ ପାଲକେଲ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବ । ପରେ ଅଗଷ୍ଟ ୧, ୪ ଏବଂ ୭ରେ କଲମ୍ବୋର ଆର୍ ପ୍ରେମଦାସା ଆନ୍ତର୍ଜାତିକ ଷ୍ଟାଡିୟମରେ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ । ଚଳିତମାସ ୨୨ତାରିଖରେ ଭାରତୀୟ ଦଳ ଶ୍ରୀଲଙ୍କାରେ ପହଞ୍ଚିବ । ନବନିଯୁକ୍ତ ପ୍ରଶିକ୍ଷକ ଗୌତମ ଗାମ୍ଭୀରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳର ଏହା ପ୍ରଥମ ବିଦେଶ ଗସ୍ତ ।